# NATIONAL NEWS BULLETIN (ODIA)

**27 May - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା’ ଆଇନ ଅନୁଯାୟୀ ବୈଧ - କହିଲେ ସୁପ୍ରିମକୋର୍ଟ

- ଗ୍ରୀଷ୍ମ ପ୍ରକୋପକୁ ଦୃଷ୍ଟିରେ ରଖି ସତର୍କତା ଅବଲମ୍ବନ କରିବାକୁ ନାଗରିକଙ୍କୁ ପରାମର୍ଶ ଦେଲେ ପ୍ରଧାନମନ୍ତ୍ରୀ

- ‘ସୁସ୍ଥ ବୃଦ୍ଧାବସ୍ଥା ପାଇଁ ଯୋଗ’ଶୀର୍ଷକ ବାର୍ତ୍ତା ନେଇ ଆସନ୍ତାମାସ ୨୧ ତାରିଖରେ ପାଳନ କରାଯିବ ଅନ୍ତର୍ଜାତୀୟ ଯୋଗ ଦିବସ ।

- ଇସ୍ରାଏଲ୍ ଆକ୍ରମଣରେ ହମାସ୍‌ର ସାମରିକ କମାଣ୍ଡର ମହମ୍ମଦ ଓଦେହଙ୍କ ମୃତ୍ୟୁ

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଜି ଏଲିମିନେଟର ପର୍ଯ୍ୟାୟ ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ଭେଟିବ ରାଜସ୍ଥାନ ରୟାଲ୍‌ସ

---

## ଏସଆଇଆର୍

ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଆଇନ ଅନୁଯାୟୀ ବୈଧ ବୋଲି ସୁପ୍ରମିକୋର୍ଟ କହିଛନ୍ତି । ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ ଏ ସଂକ୍ରାନ୍ତ

ଆବେଦନ ଉପରେ ରାୟ ପ୍ରକାଶ କରି କହିଛନ୍ତି, ଆଇନ ଅନୁଯାୟୀ ଭାରତୀୟ ନିର୍ବାଚନ କମିଶନ ଏହି ପଦକ୍ଷେପ ଗ୍ରହଣ କରିପାରିବେ । ମୁକ୍ତ ଏବଂ ନିରପେକ୍ଷ ନିର୍ବାଚନ ସଂକ୍ରାନ୍ତ ସାମ୍ବିଧାନିକ ଦୃଷ୍ଟିକୋଣକୁ ଏଭଳି ପଦକ୍ଷେପ ପ୍ରତିପାଦନ କରୁଛି ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି । ଜନପ୍ରତିନିଧିତ୍ୱ ଆଇନ ୧୯୫୦ର ଧାରା ୩୨୪ ଅନୁଯାୟୀ, ନିର୍ବାଚନ କମିଶନ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଜାରି କରିବା ନେଇ କ୍ଷମତାପ୍ରାପ୍ତ ।

ଗତବର୍ଷ ଜୁନ୍ ମାସରେ ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ସଂକ୍ରାନ୍ତ ନିର୍ବାଚନ କମିଶନଙ୍କ ବିଜ୍ଞପ୍ତିକୁ ବିରୋଧ କରି ସୁପ୍ରିମକୋର୍ଟରେ ଏହି ମାମଲା ଦାୟର କରାଯାଇଥିଲା । ଖଣ୍ଡପୀଠ କହିଛନ୍ତି ମୁକ୍ତ ଓ ନିରପେକ୍ଷ ନିର୍ବାଚନ ଲକ୍ଷ୍ୟ ହାସଲ ସହିତ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପଦକ୍ଷେପ ଜଡ଼ିତ ରହିଛି । ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି ଯେ ନିୟମିତ ସଂଶୋଧନ ପାଇଁ ଚିନ୍ତା କରାଯାଉଥିବା ସାଧାରଣ ପଦ୍ଧତି ସହିତ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପଦକ୍ଷେପକୁ ତୁଳନା କରାଯାଇ ପାରିବ ନାହିଁ । ନିର୍ବାଚନ କମିଶନ ସାମ୍ବିଧାନିକ କ୍ଷମତା ବହିର୍ଭୁତ କାର୍ଯ୍ୟ କରିଥିବା ନେଇ ଅଭିଯୋଗ ଗ୍ରହଣୀୟ ନୁହେଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି । ଭୋଟର ତାଲିକାର ସ୍ୱଚ୍ଛତା, ସଠିକତା ଏବଂ ବିଶ୍ୱସନୀୟତା ଉପରେ ଗଣତାନ୍ତ୍ରିକ ପ୍ରକ୍ରିୟାର ମୂଳଦୁଆ ପ୍ରତିଷ୍ଠା ହୁଏ ବୋଲି ଖଣ୍ଡପୀଠ କହିଛନ୍ତି । ଏଥିସହ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା, ଲୋକପ୍ରତିନିଧିତ୍ୱ ଆଇନ ୧୯୫୦ ଏବଂ ଭୋଟର ପଞ୍ଜୀକରଣ ନିୟମ ୧୯୬୦ର ପରିପନ୍ଥୀ ବୋଲି ହୋଇଥିବା ଯୁକ୍ତିକୁ ସୁପ୍ରିମକୋର୍ଟ ଅଗ୍ରାହ୍ୟ କରିଛନ୍ତି ।

---

# ପିଏମ୍-ହିଟ୍‌ୱେଭ୍

ଦେଶରେ ବୃଦ୍ଧିପାଉଥିବା ତାପମାତ୍ରା ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ଯଥାସମ୍ଭବ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ, ଘରୁ ବାହାରକୁ ଯିବା ବେଳେ ରୌଦ୍ରତାପରୁ ସୁରକ୍ଷିତ ରହିବା ପାଇଁ ଆନୁସଙ୍ଗିକ ସାମଗ୍ରୀ ପାଖରେ ରଖିବା ପାଇଁ କହିଛନ୍ତି । ଏଭଳି ପରିସ୍ଥିତିରେ ସମ୍ବେଦନଶୀଳତା ସମର୍ଥନର ଏକ ମହାନ ପ୍ରେରଣା ପାଲଟିଥାଏ ବୋଲି ଶ୍ରୀ ମୋଦୀ ଉଲ୍ଲେଖ କରିଛନ୍ତି । ତୃଷାର୍ତ୍ତ ବ୍ୟକ୍ତିଙ୍କୁ ପାଣି ପିଇବା ଲାଗି ଦେବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ପରିବାର ଏବଂ ପ୍ରିୟଜନଙ୍କ ସହ ଯୋଗାଯୋଗରେ ରହି ସେମାନଙ୍କ ସ୍ୱାସ୍ଥ୍ୟ ସଂପର୍କରେ ପଚାରି ବୁଝିବାକୁ ଦେଶବାସୀଙ୍କୁ ଶ୍ରୀ ମୋଦୀ ପରାମର୍ଶ ଦେଇଛନ୍ତି । ଛାତ, ବାଲ୍‌କୋନି, ବ୍ୟବସାୟ ପ୍ରତିଷ୍ଠାନ ଏବଂ କାର୍ଯ୍ୟାଳୟ ବାହାରେ ପଶୁପକ୍ଷୀଙ୍କ ପାଇଁ ପାଣିଭର୍ତ୍ତି ପାତ୍ର ରଖିବାକୁ ପ୍ରଧାନମନ୍ତ୍ରୀ ଅନୁରୋଧ କରିଛନ୍ତି । ଏହି କଷ୍ଟକର ସମୟରେ ସଂପୂର୍ଣ୍ଣ ସମ୍ବେଦନଶୀଳତା ଏବଂ କରୁଣାର ସହିତ ପରସ୍ପରର ଯତ୍ନ ନେବାକୁ ପ୍ରଧାନମନ୍ତ୍ରୀ ସମସ୍ତଙ୍କୁ ନିବେଦନ କରିଛନ୍ତି ।

# ପ୍ରେଜ୍-ସିକିମ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ସନ୍ଧ୍ୟାରେ ଗ୍ୟାଙ୍ଗଟକ୍‌ସ୍ଥିତ ସିକିମ୍ ବିଶ୍ୱବିଦ୍ୟାଳୟର ସପ୍ତମ ସମାବର୍ତ୍ତନ ସମାରୋହରେ ମୁଖ୍ୟଅତିଥି ଭାବରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ଏହି ସମାରୋହରେ ରାଜ୍ୟପାଳ ଓମ୍ ପ୍ରକାଶ ମାଥୁର ଓ ମୁଖ୍ୟମନ୍ତ୍ରୀ ପ୍ରେମସିଂ ତମାଙ୍ଗ ଯୋଗଦେବେ । ଆମ ସମ୍ବାଦଦାତାଙ୍କ ସୂଚନା ଅନୁଯାୟୀ ବିଶ୍ୱବିଦ୍ୟାଳୟର ୩୩ଟି ବିଭାଗର ପ୍ରାୟ

୧୪ ହଜାର ବିଦ୍ୟାର୍ଥୀଙ୍କୁ ଡିଗ୍ରୀ ପ୍ରଦାନ କରାଯିବ । ତେବେ ଖରାପ ପାଗ ଯୋଗୁଁ ରାଷ୍ଟ୍ରପତିଙ୍କ ନାଥୁଲା ପାସ୍ ଗସ୍ତକୁ ବାତିଲ କରାଯାଇଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗତକାଲିଠାରୁ ସିକିମକୁ ୩ ଦିନିଆ ଗସ୍ତରେ ଅଛନ୍ତି ।

## ଯୋଗ

ଆସନ୍ତା ଜୁନ୍ ୨୧ ତାରିଖରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯିବ । ଚଳିତ ଥରର ବାର୍ତ୍ତା ରହିଛି "ସୁସ୍ଥ ବୃଦ୍ଧାବସ୍ଥା ପାଇଁ ଯୋଗ" । କେନ୍ଦ୍ର ଆୟୁଷ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ରାଓ ଯାଦବ ଅନ୍ତର୍ଜାତୀୟ ଯୋଗ ଦିବସ-୨୦୨୬ ପାଳନର ୨୫ ଦିନ ପୂର୍ବରୁ ମଧ୍ୟପ୍ରଦେଶର ଖଜୁରାହୋଠାରେ ଅନୁଷ୍ଠିତ ଯୋଗ ମହୋତ୍ସବ କାର୍ଯ୍ୟକ୍ରମରେ କହିଛନ୍ତି ଯେ ଯୋଗ ଭାରତର ପ୍ରାଚୀନ ଜ୍ଞାନକୁ ଦର୍ଶାଉଥିବା ବେଳେ ଏହା ସୁସ୍ଥ ଏବଂ ସନ୍ତୁଳିତ ଜୀବନକୁ ବଢ଼ାଇବାରେ ଫଳପ୍ରଦ ହୋଇଥାଏ । ବୃଦ୍ଧାବସ୍ଥାରେ ସୁସ୍ଥ ରହିବା ଲାଗି ପ୍ରତ୍ୟହ ଯୋଗାଭ୍ୟାସ ନିତାନ୍ତ ଆବଶ୍ୟକ । ଭାରତୀୟ ସଂସ୍କୃତି ଓ ଆଧ୍ୟାତ୍ମିକ ଐତିହ୍ୟପୂର୍ଣ୍ଣ ଜୀବନରେ ଯୋଗ ଏକ ଅଂଶ ହୋଇ ରହିଛି ।

ସୂଚନାଯୋଗ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପଦକ୍ଷେପ ସ୍ୱରୂପ ୨୦୧୪ରେ ଜାତିସଂଘ ପକ୍ଷରୁ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇ ଆସୁଛି । ଭାରତ ସରକାର ପ୍ରତ୍ୟେକ ଗ୍ରାମ, ପରିବାର, ବିଦ୍ୟାଳୟ, କାର୍ଯ୍ୟାଳୟ ଓ ଗୋଷ୍ଠୀଭିତ୍ତିକ କେନ୍ଦ୍ରଗୁଡ଼ିକରେ ଯୋଗକୁ ପହଞ୍ଚାଇବା ପାଇଁ ଅନବରତ ଉଦ୍ୟମ କରୁଛନ୍ତି । ଚଳିତବର୍ଷ ଅନ୍ତର୍ଜାତୀୟ ଯୋଗ ଦିବସର ମୁଖ୍ୟ କାର୍ଯ୍ୟକ୍ରମ କୋଲକାତାଠାରେ ଅନୁଷ୍ଠିତ ହେବ ।

.........................................................

## ହମାସ୍-ମିଲିଟାରୀ ଚିଫ୍

ଗାଜା ସହରରେ ଗତ ରାତିରେ ହୋଇଥିବା ଆକ୍ରମଣରେ ହମାସର ସାମରିକ କମାଣ୍ଡର ମହମ୍ମଦ ଓଦେହଙ୍କର ମୃତ୍ୟୁ ହୋଇଛି ବୋଲି ଇସ୍ରାଏଲ୍ ଘୋଷଣା କରିଛି । ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ୍ କାଟଜ ଏ ସଂପର୍କରେ ସୂଚନା ଦେଇ କହିଛନ୍ତି, କମାଣ୍ଡର ଓଦେହଙ୍କ ମୃତ୍ୟୁ ଆତଙ୍କବାଦୀ ଗୋଷ୍ଠୀ ପ୍ରତି ଏକ ବଡ଼ ଆଘାତ ସୃଷ୍ଟି କରିଛି । ଇସ୍ରାଏଲ୍ ପ୍ରତିରକ୍ଷା ବାହିନୀ ଏବଂ ସିନ୍‌ବେଟ୍ ମିଳିତ ଭାବେ ଓଦେହଙ୍କ ଗତିବିଧି ଉପରେ ବହୁସମୟ ଧରି ନଜର ରଖିଥିଲେ। ଫଳରେ ଠିକ୍ ଲକ୍ଷ୍ୟଭେଦ ଆକ୍ରମଣରେ ତାଙ୍କର ମୃତ୍ୟୁ ଘଟିଛି । ଗାଜାରୁ ପ୍ରକାଶିତ ହମାସ୍ ସମ୍ପର୍କିତ ରିପୋର୍ଟ ଅନୁଯାୟୀ, ଆକ୍ରମଣରେ ଓଦେହଙ୍କ ପତ୍ନୀ ଏବଂ ପୁଅଙ୍କର ମଧ୍ୟ ମୃତ୍ୟୁ ହୋଇଛି । ଇସ୍ରାଏଲ୍ ଅଧିକାରୀଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଚଳିତମାସ ପ୍ରାରମ୍ଭରେ ଇଜ୍ ଅଲ୍ ଦିନ୍ ଅଲ୍ ହଦାଦ୍‌ଙ୍କ ମୃତ୍ୟୁ ପରେ ମହମ୍ମଦ ଓଦେହ ହମାସ୍‌ର ସାମରିକ ଶାଖାର ମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ଇସ୍ରାଏଲ୍ ସେନା ଅନୁଯାୟୀ, ସାମରିକ ମୁଖ୍ୟ ହେବା ପୂର୍ବରୁ ଓଦେହ ହମାସର ଗୁପ୍ତଚର ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ ।

## ଇସ୍ରାଏଲ୍-ଷ୍ଟ୍ରାଇକ୍

ଅନ୍ୟ ଏକ ଘଟଣାକ୍ରମରେ ଦକ୍ଷିଣ ଲେବାନନରେ ଇସ୍ରାଏଲ୍ ବିମାନ ବାହିନୀ ଆକ୍ରମଣରେ ଅତିକମ୍‌ରେ ୩୧ ଜଣ ଲୋକଙ୍କର ମୃତ୍ୟୁ ଘଟିଥିବା ବେଳେ ୪୦ ଜଣ ଆହତ ହୋଇଛନ୍ତି । ଲେବାନନ୍‌ର ଜନସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ, ଇସ୍ରାଏଲ୍ ଓ ହିଜିବୁଲ୍ଲା ମଧ୍ୟରେ ସୀମାପାର

ଉତ୍ତେଜନା ବୃଦ୍ଧି ପରିପ୍ରେକ୍ଷୀରେ ଗତକାଲି ବିଭିନ୍ନ ଅଞ୍ଚଳକୁ ଲକ୍ଷ୍ୟ କରି ଆକ୍ରମଣ କରାଯାଇଛି ।  ଇସ୍ରାଏଲ୍ ସେନା ପକ୍ଷରୁ କୁହାଯାଇଛି, ଦକ୍ଷିଣ ଲେବାନନରେ ହିଜବୁଲ୍ଲା ଭିତ୍ତିଭୂମି ଗୁଡ଼ିକୁ ଲକ୍ଷ୍ୟ କରି ବାରମ୍ବାର ଆକ୍ରମଣ କରାଯାଇଛି । ହିଜବୁଲ୍ଲା ପକ୍ଷରୁ ମଧ୍ୟ ଉତ୍ତର ଇସ୍ରାଏଲ୍‌ରେ ଆକ୍ରମଣ କରାଯାଇଥିବା ଇସ୍ରାଏଲ୍ ପକ୍ଷରୁ ସୂଚନା ଦିଆଯାଇଛି । ଇସ୍ରାଏଲ୍ ଏବଂ ହିଜବୁଲ୍ଲା ମଧ୍ୟରେ ଯୁଦ୍ଧ ବିରତି ନେଇ ଗତ ଏପ୍ରିଲ୍ ୧୬ ତାରିଖରେ ଆମେରିକା ମଧ୍ୟସ୍ଥତାରେ ହୋଇଥିବା ସହମତି ସତ୍ତ୍ୱେ ଉଭୟ ପକ୍ଷଙ୍କ ମଧ୍ୟରେ ବାରମ୍ବାର ଆକ୍ରମଣ ଓ ପ୍ରତିଆକ୍ରମଣ ଯୁଦ୍ଧବିରତିର ଦୁର୍ବଳ ସ୍ଥିତିକୁ ପ୍ରତିପାଦନ କରୁଛି ।

---

# ନିଟ୍-ୟୁଜି

ନିଟ୍ ୟୁଜି ୨୦୨୬ ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ-ସିବିଆଇ ଆଉ ୨ ଜଣଙ୍କୁ ଗିରଫ କରିଛି । ଅଦ୍ୟାବଧି ତଦନ୍ତକାରୀ ସଂସ୍ଥା ନୂଆଦିଲ୍ଲୀ, ଜୟପୁର, ଗୁରୁଗ୍ରାମ, ନାସିକ୍, ପୁଣେ, ଲାଟୁର ଏବଂ ଅହଲ୍ୟାନଗରରୁ ୧୩ ଜଣଙ୍କୁ ଗିରଫ କରିସାରିଛି । ଏହି ମାମଲାରେ ଲାଟୁର ଭିତ୍ତିକ ଡାକ୍ତର ମନୋଜ ଶିରୁରେଙ୍କୁ ଗିରଫ କରାଯାଇଛି । ସିବିଆଇ ଅନୁଯାୟୀ, ଅଭିଯୁକ୍ତ ପି.ଭି. କୁଲକର୍ଣ୍ଣିଙ୍କଠାରୁ  ରସାୟନ ବିଜ୍ଞାନ ପ୍ରଶ୍ନପତ୍ର ଆଣି ଡାକ୍ତର ଶିରୁରେ ଏକ କୋଚିଂ ସେଣ୍ଟରର ଅଭିଯୁକ୍ତ ମାଲିକଙ୍କ ପୁଅ ସମେତ ୩ ଜଣଙ୍କୁ  ଯୋଗାଇ ଦେଇଥିଲେ ।  ଅନ୍ୟ ଗିରଫ ଅଭିଯୁକ୍ତ ହେଲେ ପୁନେ ଭିତ୍ତିକ କୋଚିଂ ସେଣ୍ଟର ଡକ୍ଟର ଅଭଙ୍ଗ ପ୍ରଭୁ ମେଡ଼ିକାଲ ଏକାଡେମୀରେ ପଦାର୍ଥ ବିଜ୍ଞାନ ଅଧ୍ୟାପକ ଭାବେ କାର୍ଯ୍ୟ କରୁଥବା ତେଜସ ହର୍ଷଦ କୁମାର ଶାହା । ସେ ଗିରଫ ହୋଇଥିବା ଅଭିଯୁକ୍ତ ମନୀଷା ହାବିଲ୍‌ଦାରଙ୍କଠାରୁ ପଦାର୍ଥ ବିଜ୍ଞାନ ପ୍ରଶ୍ନ ଆଣି ପ୍ରଘଟ କରିଥିଲେ ।

ଏପର୍ଯ୍ୟନ୍ତ ସିବିଆଇ ଦେଶର ୪୯ଟି ସ୍ଥାନରେ ଚଢ଼ଉ କରି ଆପତ୍ତିଜନକ କାଗଜପତ୍ର, ଲାପ୍‌ଟପ୍, ମୋବାଇଲ୍ ଫୋନ୍ ଆଦି ଜବତ କରିଛି ।

ସୂଚନାଯୋଗ୍ୟ ପ୍ରଶ୍ନପତ୍ର ପ୍ରଘଟ ଅଭିଯୋଗ ନେଇ ଗତ ୩ ତାରିଖରେ ଅନୁଷ୍ଠିତ ନିଟ୍-ୟୁଜି ପ୍ରବେଶିକା ପରୀକ୍ଷାକୁ ବାତିଲ କରାଯାଇଥିଲା ।

---

## ଟ୍ରମ୍ପ-କ୍ୟାବିନେଟ୍ ମିଟିଂ

ଆମେରିକା ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ ଆଜି ହ୍ୱାଇଟ୍ ହାଉସ୍‌ଠାରେ କ୍ୟାବିନେଟ୍ ବୈଠକରେ ଯୋଗଦେବେ । ପୂର୍ବରୁ କ୍ୟାମ୍ପ୍ ଡେଭିଡ୍ ଠାରେ ଏହି ବୈଠକ ଅନୁଷ୍ଠିତ ହେବା ନେଇ କାର୍ଯ୍ୟସୂଚୀ ସ୍ଥିର ହୋଇଥିଲେ ମଧ୍ୟ ଖରାପ ପାଗ ଯୋଗୁଁ ହ୍ୱାଇଟ୍ ହାଉସ୍‌କୁ ସ୍ଥାନାନ୍ତର କରାଯାଇଛି । ବୈଠକରେ ରାଷ୍ଟ୍ରପତିଙ୍କ ସମସ୍ତ କ୍ୟାବିନେଟ୍ ସଦସ୍ୟ ଏବଂ ବିଦାୟୀ ଜାତୀୟ ଗୁଇନ୍ଦା ନିର୍ଦ୍ଦେଶକ ତୁଲସୀ ଗବାଡ୍ ଯୋଗଦେବେ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି ଟ୍ରମ୍ପ ଏହି ସୂଚନା ପ୍ରଦାନ କରିଛନ୍ତି । ହ୍ୱାଇଟ୍ ହାଉସ୍‌ର ଜଣେ ଅଧିକାରୀ ଦେଇଥିବା ସୂଚନା ଅନୁଯାୟୀ ବୈଠକରେ ଘରୋଇ ଏବଂ ବୈଦେଶିକ ବ୍ୟାପାର ସଂକ୍ରାନ୍ତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହେବାର ସମ୍ଭାବନା ରହିଛି । ଆମେରିକା ଉପରେ ଇରାନର ଯୁଦ୍ଧ ବିରତି ଉଲ୍ଲଂଘନ ଅଭିଯୋଗ ପରିପ୍ରେକ୍ଷୀରେ ଅନୁଷ୍ଠିତ ହେବାକୁ ଥିବା ଏହି କ୍ୟାବିନେଟ୍ ବୈଠକ ଗୁରୁତ୍ୱ ବହନ କରୁଛି । ଦକ୍ଷିଣ ଇରାନ ଅଞ୍ଚଳରେ ଆମେରିକା ସେନା ଆତ୍ମରକ୍ଷାମୂଳକ ଆକ୍ରମଣ କରିଥିବା ନେଇ ବର୍ଣ୍ଣନା କରିଥିବା ବେଳେ କ୍ଷେପଣାସ୍ତ୍ର ପ୍ରକ୍ଷେପଣସ୍ଥଳ ଏବଂ ହର୍ମୁଜ ପ୍ରଣାଳୀ ନିକଟରେ ଡଙ୍ଗାକୁ ଲକ୍ଷ୍ୟ କରି ହୋଇଥିବା ଆକ୍ରମଣ ଯୁଦ୍ଧବିରତି ଉଲ୍ଲଂଘନ ବୋଲି ଇରାନ ଅଭିଯୋଗ କରିଛି ।

---

# ଆଇ.ପି.ଏଲ୍.

ଆଇପିଏଲ୍ କ୍ରିକେଟ୍‌ର ଚଳିତ ସଂସ୍କରଣରେ ଆଜି ଏଲିମେନେଟର ପର୍ଯ୍ୟାୟ ମ୍ୟାଚ୍ ଅନୁଷ୍ଠିତ ହେବ । ନିୟୁ ଚଣ୍ଡୀଗଡ ମୋହଲିଠାରେ ସନ୍‌ରାଇଜର୍ସ ହାଇଦ୍ରାବାଦ ଓ ରାଜସ୍ଥାନ ରୟାଲ୍‌ସ ପରସ୍ପରକୁ ଭେଟିବେ । ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଏହି ମ୍ୟାଚ୍ ଆରମ୍ଭ ହେବ । ମ୍ୟାଚ୍‌ର ବିଜୟୀ ଦଳ କ୍ୱାଲିଫାୟାର୍-ଦ୍ୱିତୀୟ ପର୍ଯ୍ୟାୟକୁ ଉନ୍ନୀତ ହେବାକୁ ଥିବା ବେଳେ ପରାଜିତ ଦଳ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିବ । ଅନ୍ୟ ପକ୍ଷରେ ଗତକାଲି କ୍ୱାଲିଫାୟାର- ପ୍ରଥମ ପର୍ଯ୍ୟାୟରୁ ପରାଜିତ ହୋଇଥିବା ଗୁଜରାଟ ଟାଇଟନ୍‌ସ ପାଇଁ କ୍ୱାଲିଫାୟାର୍-୨ରେ ଫାଇନାଲ୍ ପର୍ଯ୍ୟାୟକୁ ଉନ୍ନୀତ ହେବା ପାଇଁ ଆଉ ଏକ ସୁଯୋଗ ରହିଛି ।

ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପ୍ରଥମ ଦଳ ଭାବେ ଫାଇନାଲ୍‌ରେ ପ୍ରବେଶ କରିଛି । ଗତକାଲି ଧର୍ମଶାଳାଠାରେ ଅନୁଷ୍ଠିତ କ୍ୱାଲିଫାୟର ଓ୍ୱାନ୍ ମ୍ୟାଚ୍‌ରେ ଆରସିବି ଗୁଜୁରାଟ୍ ଟାଇଟନ୍ସକୁ ୯ ୨ ରନ୍‌ରେ ପରାସ୍ତ କରିଥିଲା ।

........................................................................